100 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Baleswar, Wednesday,4 September 2019
- ବାଲେଶ୍ୱର, ଶନିବାର ୧୨ ସେପ୍ଟେମ୍ବର ୨୦୨୦
- ଆଜି ସିଂହ ୨୮ ଦିନ, ୧୪୨୮ ସାଲ
- ଭାଦ୍ରବ ୨୧ ଦିନ, ୧୯୪୨ ଶକାବ୍ଦ, କୃଷ୍ଣପକ୍ଷ ଦଶମୀ
- ଭାଗ- ୯୧ ସଂଖ୍ୟା- ୨୫୦
- www.thesamaja.com
  www.samajaepaper.com
  www.samajalive.in

ଟ ୫.୦୦ (୧୨ ପୃଷ୍ଠା)

# ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

PRINTED AT CUTTACK, SAMBALPUR, BALESWAR, VISAKHAPATNAM

## ୟୁଏସ୍ ଓପନ୍ : ପାଭିକ୍-ସ୍ୱାରେସ୍ ପୁରୁଷ ଡବଲ୍ସ ଚମ୍ପିଆନ୍



## ୩୫ ବର୍ଷପରେ ମହିଳାଙ୍କ ଘରବାହୁଡ଼ା



ଚିତ୍ରଡା/ସାନମୁଣ୍ଡାବଣି,୩/୯(ନି.ପ୍ର):-ମସ୍ତିଷ୍କ ବିକୃତି ଯୋଗୁ ଘରୁ କେଉଁଆଡେ ପଳାଇ ଯାଇଥିବା ଗୃହିଣୀ ଦୀର୍ଘ ୩୫ ବର୍ଷ ପରେ ଘରକୁ ଫେରିବା ଘଟଣା ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇପଡିଛି। ଘରବାହୁଡା ମହିଳାଙ୍କୁ ଦେଖିବାପାଇଁ ଲୋକଙ୍କ ଗହଳି ଲାଗିଥିଲା।

ଘଟଣାରୁ ଜଣାପଡିଛି ଯେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ସାନମୁଣ୍ଡାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ଭୁବନେଶ୍ୱର ବେହେରାଙ୍କ ସ୍ତ୍ରୀ ସୁମିତ୍ରା ବେହେରା ପ୍ରାୟ ୩୦ ବର୍ଷ ବୟସରେ ପାଗଳାହୋଇ ଘରୁ ପଳାଇ ଯାଇଥିଲେ। ଘରଲୋକ ଖୋଜାଖୋଜିକରି ପାଇନଥିଲେ। ଆଶା ଓ ଆଶଙ୍କାରେ ପରିବାର ଦିନକାଟୁଥିଲା। ହଠାତ ମଙ୍ଗଳବାର ସକାଳେ ମୁମ୍ବାଇର ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନର କାର୍ଯ୍ୟରତ ଓଡିଆ ଝିଅ ଲକ୍ଷ୍ମୀପ୍ରିୟା ବିଶୋଇ ଓ ସାଥି ସରିତା ଦେଶମୁଖ ସେହି ଗୃହିଣୀଙ୍କୁ ବୃଦ୍ଧାବସ୍ଥାରେ ଘରେ ଛାଡିବାକୁ ଆଣି ଚିତ୍ରଡାରେ ପହଞ୍ଚିଥିଲେ। ଏଭଳି ବଦାନ୍ୟତା ଦେଖି ଅଞ୍ଚଳର ଜନସାଧାରଣ ସେହି ଦୁଇଜଣ ତରୁଣୀଙ୍କୁ କୃତଜ୍ଞତା, ଧନ୍ୟବାଦ, ସାଧୁବାଦ ଇତ୍ୟାଦି ଜଣାଇ ପାହାଡ ଠିଆ କରିଦେଇଥିଲେ।

ଦୁଇ ତରୁଣୀଙ୍କ ମଧ୍ୟରୁ ନୟାଗଡର ଓଡିଆ ଝିଅ ଲକ୍ଷ୍ମୀପ୍ରିୟା ବିଶୋଇ ଦେଇଥିବା ସୂଚନା ଅନୁଯାୟୀ ଘରୁ ପଳାଇ ଯାଇଥିବା ସୁମିତ୍ରା ପେଗଲୀ ହୋଇ ଚେନ୍ନାଇରେ ବୁଲୁଥିବାବେଳେ ସେଠାକାର ପାଗଳରୋଗୀ ଡାକ୍ତରଖାନା ଆଇଏମଏଚ ତାଙ୍କୁ ଉଦ୍ଧାରକରି ଚିକିତ୍ସାକରି ସୁସ୍ଥ କରିଥିଲେ। ୨୦୦୫ ମସିହାରୁ ଚିକିତ୍ସିତ ହେଉଥିବା ସୁମିତ୍ରାଙ୍କୁ ଓଡିଆ ଝିଅ ଲକ୍ଷ୍ମୀପ୍ରିୟା ଆଇଏମଏଚରେ ଭେଟିବାପରେ ସେ ଓଡିଆ ବୋଲି ଜାଣିବାପରେ ତାଙ୍କୁ ମୁମ୍ବାଇକୁ ନେଇଆସି ଏକମାସ ରଖିଥିଲେ। ତାଙ୍କ ଠିକଣା ଜାଣିବାପରେ ଓଡିଆ ଝିଅର କମାଲ ଦେଖାଇ ତାଙ୍କୁ ଘରକୁ ଛାଡିବାପାଇଁଆଣି ମଙ୍ଗଳବାର ସକାଳେ ଚିତ୍ରଡାରେ ପହଞ୍ଚିଥିଲେ। ଖବରପାଇ ଦୁଇପୁଅ ସଞ୍ଜୟ ବେହେରା ଓ ସଞ୍ଜିବ ବେହେରା ଗ୍ରାମବାସୀଙ୍କ ସହ ଆସି ଚିତ୍ରଡାରେ ପହଞ୍ଚି ଚିହ୍ନିଥିଲେ ଓ ଘରକୁ ନେଇଯାଇଥିଲେ। ସୁମିତ୍ରା ଚିକିତ୍ସାଧୀନ ଥିବାରୁ ତାଙ୍କ ପାଇଁ ଔଷଧ ଦେଇ ଆଗକୁ ୩ ମାସ ପର୍ଯ୍ୟନ୍ତ ଔଷଧ ଯୋଗାଇ ଦିଆଯିବବୋଲି ଲକ୍ଷ୍ମୀପ୍ରିୟା କହିଥିଲେ। ଦୀର୍ଘ ୩୫ ବର୍ଷ ପରେ ଘରକୁ ଫେରିଥିବା ସୁମିତ୍ରାଙ୍କ ପାଇଁ ଗାଁରେ ଖୁସିର ଲହରି ଖେଳିଯାଇଥିବାବେଳେ ପରିବାରରେ ଝରିପଡୁଥିଲା ଆନନ୍ଦାଶ୍ରୁ। କହୁଥିଲେ ସବୁ ସେଇ ଈଶ୍ୱରଙ୍କ ଇଚ୍ଛା।